**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**11th May - 2024**

**News Editor : *Tapan Kumar Moharana***

**************************************

***BBSR/R***

# ପି.ଏମ୍. - ରାଜଧାନୀ ରୋଡ୍ ଶୋ'

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ନିର୍ବାଚନ ପ୍ରଚାର ଅଭିଯାନରେ ଗତସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ବିମାନବନ୍ଦରରେ ଅବତରଣ କରି ସେଠାରୁ ବି.ଜେ.ପି. ରାଜ୍ୟ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରୁ ଶ୍ରୀ ମୋଦି ବାଣୀବିହାର ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ'ରେ ଭାଗ ନେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଆମେ ଲଢ଼ିଆସିଛୁ ଓ ଆଗାମୀ ଦିନରେ ଲଢ଼େଇ ଜାରି ରଖିବୁ । ପରେ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାକୁ ବି.ଜେ.ପି. ପ୍ରତିଶ୍ରୁତିବଦ୍ଧ । ରୋଡ୍ ଶୋ' ପରେ ଶ୍ରୀ ମୋଦି ରାଜଭବନରେ ରାତ୍ରିଯାପନ କରିଥିଲେ ।

*Desk, Balangir/R*

# ପି.ଏମ୍. - ଓଡ଼ିଶା ଗସ୍ତ

ନିର୍ବାଚନ ପ୍ରଚାର କାର୍ଯ୍ୟର ଦ୍ୱିତୀୟ ଦିନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କନ୍ଧମାଳ, ବଲାଙ୍ଗିର ଓ ବରଗଡ଼ ଗସ୍ତରେ ଯିବେ । ପ୍ରଥମେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । କନ୍ଧମାଳ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଜନସଭାରେ ଶ୍ରୀ ମୋଦି ସମ୍ବୋଧିତ କରିବେ । ପୂର୍ବାହ୍ନରେ ସେ ବଲାଙ୍ଗିରରେ ନିର୍ବାଚନୀ ସଭାରେ ଯୋଗଦେବା ପରେ ବରଗଡ଼ ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ବରଗଡ଼ର ବରାହାଗୁଡ଼ା ଟୋଲ୍‌ଗେଟ୍ ନିକଟସ୍ଥ ବିକାଶ ଭିନ୍‌ଟେଜ୍ ପଡ଼ିଆରେ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ଜନସାଧାରଣଙ୍କୁ ସମ୍ବୋଧିତ କରିବେ ।

*Desk*

# ପ୍ରଥମ ପର୍ଯ୍ୟାୟ ମତଦାନ

ରାଜ୍ୟର ପ୍ରଥମ ପର୍ଯ୍ୟାୟ ଏବଂ ଦେଶର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏଥିରେ ୪ଟି ଲୋକସଭା ଆସନ - କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସମେତ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ନିମନ୍ତେ ଆସନ୍ତା ସୋମବାର ଦିନ ଭୋଟଗ୍ରହଣ ହେବ । ଏହି ପର୍ଯ୍ୟାୟରେ ୭ ହଜାର ୨ ଶହ ଅଣାନବେଟି

ବୁଥ୍‌ରେ ୬୨ ଲକ୍ଷ ୮୭ ହଜାର ୨୨୨ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ।

***BBSR/R***

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହୋଇଛି । ଏଥିରେ ୫ଟି ଲୋକସଭା ଆସନପାଇଁ ୪୦ ଜଣ ପ୍ରାର୍ଥୀ ରହିଥିବାବେଳେ ୩୫ଟି ବିଧାନସଭା ଆସନ ପାଇଁ ୨୬୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାର୍ଥୀପତ୍ର ଯାଞ୍ଚ୍ ପରେ ଲୋକସଭାପାଇଁ ୪୧ଟି ପ୍ରାର୍ଥୀପତ୍ର କାଏମ୍ ରହିଥିଲା ଓ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିଲେ । ସେହିପରି ପ୍ରାର୍ଥୀପତ୍ର ଯାଞ୍ଚ୍ ପରେ ବିଧାନସଭା ଆସନ ପାଇଁ ୨୭୫ଟି ବୈଧ ପ୍ରାର୍ଥୀପତ୍ର ମଧ୍ୟରୁ ୧୦ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ ।

*Desk*

## କ୍ୟାପିଟାଲ୍ ହସ୍ପିଟାଲ୍ - ବାୟୋପ୍ସି

କର୍କଟ ସମେତ ଅନ୍ୟ କେତେକ ଜଟିଳ ରୋଗର ନମୁନା ପରୀକ୍ଷା ନିମନ୍ତେ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଷ୍ଟେଟ୍ ପବ୍ଲିକ୍ ହେଲ୍‌ଥ୍ ଲାବୋରେଟୋରୀ ସ୍ଥାପନ ହେବ । ଏଥିପାଇଁ ୨୧ କୋଟି ୬୨ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ହସ୍ପିଟାଲ୍ ପକ୍ଷରୁ ସୂଚନା ମିଳିଛି । ସେହି ଲାବୋରେଟୋରୀରେ ବାୟୋପ୍ସି ପରୀକ୍ଷା ସମେତ ମାଇକ୍ରୋ ବାୟୋଲୋଜି, ପାରାସିଟୋଲୋଜିକାଲ୍ ପରୀକ୍ଷା, କଲ୍‌ଚର ଟେଷ୍ଟ ଓ ରକ୍ତଜନିତ ତ୍ରୁଟି ପରୀକ୍ଷା କରାଯିବ । ଏହାଛଡ଼ା ସେଠାରେ ଛାତ୍ରଛାତ୍ରୀମାନଙ୍କୁ ଗବେଷଣାପାଇଁ ସୁବିଧା ମିଳିବ ବୋଲି ଜଣାପଡ଼ିଛି ।

*Desk*

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ଷଷ୍ଠ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇଛି । ପରୀକ୍ଷା ଶେଷ ହେବାର ମାତ୍ର ୨୪ ଦିନ ମଧ୍ୟରେ ଫଳ ପ୍ରକାଶ କରି ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଗରେ ରହିଛି । ସୂଚନା ଅନୁଯାୟୀ, ଯୁକ୍ତ ୩ କଳାରେ ୧୩ ହଜାର ୧୨୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ ହଜାର ୬୭୫ ଜଣ କୃତକାର୍ଯ୍ୟ ହୋଇଥିଲାବେଳେ ବିଜ୍ଞାନରେ ୩ ହଜାର ୮୮୭ ଏବଂ

ବାଣିଜ୍ୟରେ ୨ ହଜାର ୫୮୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପରୀକ୍ଷାଫଳ ହାର କଳାରେ ୬୦, ବିଜ୍ଞାନରେ ୯୦ ଦଶମିକ ୭/୧ ଏବଂ ବାଣିଜ୍ୟରେ ଅଣାଅଶୀ ଦଶମିକ ୩/୩ ପ୍ରତିଶତ ରହିଛି ।

***Desk***

# ୟୁ.ଜି.ସି. - ନେଟ୍ ଆବେଦନ

ୟୁ.ଜି.ସି. - ନେଟ୍ ପରୀକ୍ଷା ପାଇଁ ଆବେଦନ ସମୟସୀମା ଆସନ୍ତା ୧୭ ତାରିଖ ଯାଏଁ ବୃଦ୍ଧି କରାଯାଇଛି । ଏଥିପାଇଁ ପୂର୍ବରୁ ୧୦ ତାରିଖ ଯାଏଁ ଆବେଦନ ସମୟ ଥିଲା । ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି - ଏନ୍.ଟି.ଏ.ଦ୍ୱାରା ହେବାକୁ ଥିବା ଏହି ପରୀକ୍ଷାପାଇଁ ଆସନ୍ତା ୧୭ ତାରିଖ ସୁଦ୍ଧା ପରୀକ୍ଷା ଫି' ଦାଖଲ କରାଯାଇପାରିବ । ଜୁନ୍ ୧୮ରେ ଏହି ପରୀକ୍ଷା ହେବ ।

***Desk***

# ଓଡ଼ିଶା - ଗାଡ଼ିବିକ୍ରି ବୃଦ୍ଧି

ରାଜ୍ୟରେ ଚଳିତ ବର୍ଷ ଏପ୍ରିଲ୍ ମାସରେ ଗାଡ଼ି ବିକ୍ରି ୩୦ ପ୍ରତିଶତ ବୃଦ୍ଧି ପାଇଛି । ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ଏପ୍ରିଲ୍ ତୁଳନାରେ ଚଳିତ ବର୍ଷ ସେହି ସମୟ ମଧ୍ୟରେ ବିକ୍ରି ପରିମାଣ ୪୩ ପ୍ରତିଶତରୁ ଅଧିକ ରହିଛି । ପୂର୍ବବର୍ଷ ଏପ୍ରିଲ୍ ମାସରେ ୫୪ ହଜାର ୮୧୨ ୟୁନିଟ୍ ଗାଡ଼ି ବିକ୍ରି

ହୋଇଥିବାବେଳେ ଚଳିତ ବର୍ଷ ଏପ୍ରିଲ୍‌ରେ ତାହା ୭୧ ହଜାର ୩୭୦କୁ ବୃଦ୍ଧି ପାଇଛି । ଜାତୀୟ ସ୍ତରରେ ବିକ୍ରି ପରିମାଣ ୨୬ ଦଶମିକ ୭/୪ ପ୍ରତିଶତ ବୃଦ୍ଧି ପାଇଛି ।

***Desk***

## ସ୍ୱତନ୍ତ୍ର ଟ୍ରେନ୍

ଯାତ୍ରୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ଏହି ଟ୍ରେନ୍‌ଗୁଡ଼ିକ ହେଉଛି - ସମ୍ବଲପୁର-କାଚେଗୁଡ଼ା, ଖୋର୍ଦ୍ଧାରୋଡ୍-ସିକନ୍ଦରାବାଦ, ଭୁବନେଶ୍ୱର-ମୁମ୍ବାଇ ସି.ଏସ୍.ଏମ୍.ଟି., ପୁରୀ-ପାଲଡିହ, ଭୁବନେଶ୍ୱର-ଚେନ୍ନାଇ, ସମ୍ବଲପୁର-ଚେନ୍ନାଇ, ଭୁବନେଶ୍ୱର-ବେଙ୍ଗାଲୁରୁ ଓ ବ୍ରହ୍ମପୁର-କାଚେଗୁଡ଼ା ଏକ୍ସପ୍ରେସ୍ ଟ୍ରେନ୍ ।

***Desk***

## ସାଇବର ଅପରାଧ - ମୋବାଇଲ୍ ବ୍ଲକ୍

ସାଇବର ଅପରାଧରେ ଅପବ୍ୟବହାର ହୋଇଥିବା ୨୮ ହଜାର ୨ ଶହଟି ମୋବାଇଲ୍ ହ୍ୟାଣ୍ଡ୍‌ସେଟ୍‌କୁ ବ୍ଲକ୍ କରିବା ଲାଗି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସମ୍ପୃକ୍ତ ମୋବାଇଲ୍ ହ୍ୟାଣ୍ଡ୍‌ସେଟ୍‌ଗୁଡ଼ିକରେ ବ୍ୟବହାର ହୋଇଥିବା ୨୦ ଲକ୍ଷ ମୋବାଇଲ୍ ସଂଯୋଗକୁ ତୁରନ୍ତ ପ୍ରତ୍ୟାହାର ଲାଗି

ନିର୍ଦ୍ଦେଶ ଦିଆଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟର ସାଇବର ଅପରାଧ ଶାଖାର ମିଳିତ ଯାଞ୍ଚ୍ ପରେ ଏହି ନିଷ୍ପତ୍ତି ନିଆଯାଇଛି ।

***Desk***

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ଝଡବର୍ଷା ହେବା ନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଆଦି ଜିଲ୍ଲାର କେତେକ ସ୍ଥାନରେ ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ଘଡ଼ଘଡ଼ି ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି।

*****